### ରାଜ୍ୟସଭାରେ ଜୟା ବଚ୍ଚନଙ୍କ ଅଭିଯୋଗ

# ବଲିଉଡ୍‌କୁ ବଦନାମ ପାଇଁ ଚାଲିଛି ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ,୧୫।୯/ଏଜେନ୍ସି :** ବଲିଉଡ୍‌ରେ ଡ୍ରଗ୍ସ ବିବାଦ ଉପରେ ଏବେ ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ ଓ ବିଜେପି ସାଂସଦ ରବି କିଶନ ମୁହାଁମୁହିଁ ହୋଇଛନ୍ତି। ଜୟା ବଚ୍ଚନ କହିଛନ୍ତି, ସେ କହିଛନ୍ତି, ମନୋରଞ୍ଜନ ଉଦ୍ୟୋଗର ଲୋକଙ୍କୁ ସୋସିଆଲ ମିଡିଆର ମାଧ୍ୟମରେ ଉତ୍ତେଜିତ କରାଯାଉଛି। ଏହି ଚଳଚ୍ଚିତ୍ର ଜଗତରେ ନିଜ ନାମ ହାସଲ କରିଥିବା ଲୋକେ ଏହାକୁ ନର୍ଦ୍ଦମା କହିଛନ୍ତି। ମୁଁ ଏଥିରେ ସମ୍ପୂର୍ଣ୍ଣ ଭାବେ ରାଜି ନୁହେଁ। ମୋର ଆଶା ଯେ, ସରକାର ଏପରି ଲୋକଙ୍କୁ ଏହି ପ୍ରକାରର ଭାଷା ପ୍ରୟୋଗ ନକରିବା ପାଇଁ କହିବେ। କେବଳ କିଛି ଖରାପ ଲୋକଙ୍କ ପାଇଁ ଉଦ୍ୟୋଗର ସମ୍ପୂର୍ଣ୍ଣ ଜଗତକୁ ଖରାପ କହିବା ସଠିକ୍ ନୁହେଁ। ଖାଇବା ଥାଳିରେ ଛିଦ୍ର କରିବା ଅନୁଚିତ। ତାଙ୍କ କଥାର ଜବାବ ଦେଇ ରବି କିଶନ କହିଛନ୍ତି ଯେ ଚଳଚ୍ଚିତ୍ର ଦୁନିଆର ସବୁ ଅଭିନେତା ଅଭିନେତ୍ରୀମାନେ ଡ୍ରଗ୍ସ ବ୍ୟବହାର କରୁନାହାନ୍ତି। କିନ୍ତୁ ଯେଉଁମାନେ ଡ୍ରଗ୍ସ ବ୍ୟବହାର କରୁଛନ୍ତି, ସେମାନେ ବଲିଉଡ୍‌କୁ ଖତମ କରିବା ଯୋଜନାରେ ଅଛନ୍ତି ବୋଲି ଧରିନେବାକୁ ହେବ। ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ରାଜ୍ୟସଭାରେ ସାଂସଦ ଜୟା ବଚ୍ଚନ କାହା ନାମ ନନେଇ ବଲିଉଡ୍‌କୁ ଡ୍ରଗ୍ସ ଦୁନିଆ ସହିତ ଯୋଡ଼ିବା ପ୍ରସଙ୍ଗ ଉଠାଇଥିଲେ। ସାଂସଦ ରବି କିଶାନ କହିଥିଲେ ଯେ ସେ ଜୟାଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରିନଥିଲେ। ଅନ୍ୟପକ୍ଷରେ କଙ୍ଗନା ଜୟାଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଯଦି ଆପଣଙ୍କ ପୁଅ ଏଭଳି ଝୁଲିଥାନ୍ତା, ତଥାପି କ'ଣ ଆପଣ ଏଭଳି ବୟାନ ଦେଇଥାନ୍ତେ। ଜୟାଙ୍କ ବିବୃତି ଅନୁସାରେ କିଛି ଲୋକଙ୍କ ହୀନ ଚାଲ ପାଇଁ ସମ୍ପୂର୍ଣ୍ଣ ବଲିଉଡ୍‌କୁ ବଦନାମ କରାଯିବା ଲଜ୍ଜାଜନକ। ଜୟାଙ୍କ ମନ୍ତବ୍ୟ ଉପରେ କଙ୍ଗନାଙ୍କ ପ୍ରତିକ୍ରିୟା ହେଉଛି, 'ଯଦି ମୋ ସ୍ଥାନରେ ଆପଣଙ୍କ ଝିଅ ଶ୍ୱେତାଙ୍କୁ ମାଡ଼ ଦିଆଯାଇଥାନ୍ତା।

ଡ୍ରଗ୍ସ ଦିଆଯାଇଥାନ୍ତା ଓ ଯୁବାବସ୍ଥାରେ ଶୋଷଣର ଶିକାର ହୋଇଥାନ୍ତେ। ସେତେବେଳେ କ'ଣ ଆପଣ ଏପରି ମନ୍ତବ୍ୟ ଦେଇଥାନ୍ତେ। ଆପଣଙ୍କ ପୁଅ ଅଭିଷେକ ଲଗାତର ନିର୍ଯାତନାର ଶିକାର ହୋଇ ଦିନେ ଏମିତି ଲଟକି ଯାଇଥିଲେ, ଆପଣ କ'ଣ ଏଭଳି ମନ୍ତବ୍ୟ ପ୍ରଦାନ କରିଥାନ୍ତେ। ଅମ ପ୍ରତି ଟିକେ ସହାନୁଭୂତି ପ୍ରଦର୍ଶନ କରନ୍ତୁ। ଗରିବଙ୍କୁ ରୁଟି ମିଳିଗଲା, ବାସ୍ ବହୁତ ହୋଇଗଲା କହିବା ବନ୍ଦ କରନ୍ତୁ। ଏଭଳି ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ଗରିବଙ୍କୁ ରୁଟି ସହିତ ସମ୍ମାନ ଓ ଶ୍ରଦ୍ଧାର ଆବଶ୍ୟକତା ରହିଛି। ମୁଁ ଚାହୁଁଛି, କେନ୍ଦ୍ର ସରକାର ଚଳଚ୍ଚିତ୍ର ଜଗତର ମାମୁଲି କର୍ମଚାରୀ ଓ ଛୋଟ କଳାକାରଙ୍କ କଥା ଶୁଣନ୍ତୁ।'



## ବିଏମ୍‌ସିଠାରୁ ୨ କୋଟି ଟଙ୍କା ଦାବି କଲେ କଙ୍ଗନା

**ମୁମ୍ବାଇ,୧୫।୯/ଏଜେନ୍ସି :** ବିଏମ୍‌ସିର ବେଆଇନ ଘରଭଙ୍ଗା ବିରୋଧରେ ମଙ୍ଗଳବାର ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ତାଙ୍କ ପିଟିସନ୍ ସଂଶୋଧନ କରିଛନ୍ତି। ଘରଭଙ୍ଗା ବାବଦକୁ ବିଏମ୍‌ସିଠାରୁ ୨ କୋଟି ଟଙ୍କା ଦାବି କରି କଙ୍ଗନା ବମ୍ବେ ହାଇକୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। ମହାରାଷ୍ଟ୍ର ସରକାରଙ୍କୁ ପ୍ରତିବାଦ କରିବାରୁ ବୃହନ୍ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ବେଆଇନ ଭାବେ ତାଙ୍କ ଘର ଭାଙ୍ଗିଛନ୍ତି ବୋଲି କଙ୍ଗନା ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶିବସେନା ବିଏମ୍‌ସିର ନେତୃତ୍ୱ ନେଉଛି। ତେଣୁ ସେପ୍ଟେମ୍ବର ୯ ତାରିଖରେ ବିଏମ୍‌ସି ଟିମ୍ କଙ୍ଗନାଙ୍କ ବାନ୍ଦ୍ରାସ୍ଥିତ ପାଲିହିଲ ବଙ୍ଗଳାରେ ପହଞ୍ଚି ବୁଲଡୋଜର ଲଗାଇ ଭଙ୍ଗାରୁଜା କରିଥିଲେ। ବଙ୍ଗଳାର ମାଲିକ ଅନୁପସ୍ଥିତ ଥିଲାବେଳେ ବୁଲଡୋଜର ଲଗାଇ କାହିଁକି ଭାଙ୍ଗିଲ ବୋଲି ବମ୍ବେ ହାଇକୋର୍ଟ ବିଏମ୍‌ସି କର୍ତ୍ତୃପକ୍ଷଙ୍କଠାରୁ କୈଫିୟତ୍ ଲୋଡ଼ିବା ସହ ବେଆଇନ ଭଙ୍ଗା ଉପରେ ରହିତାଦେଶ ଜାରି କରିଛନ୍ତି।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com